# ପିଲାଙ୍କ କଥା (ଭୂମିଜ)

## ପ୍ରଥମ ଭାଗ



# ପିଲାଙ୍କ କଥା (ଭୂମିଜ)

## ପ୍ରଥମ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


**ନିର୍ଦ୍ଦେଶକ**
ପ୍ରଫେସର ଅଖିଳ ବିହାରୀ ଓତା

**ପ୍ରସ୍ତୁତି**
ଭୂମିଜ ସଂସାଧକ ମଣ୍ଡଳୀ
ଶ୍ରୀ ମହେନ୍ଦ୍ରନାଥ ସର୍ଦ୍ଦାର
ଶ୍ରୀ ବୁଦ୍ଧେଶ୍ୱର ମୁଣ୍ଡା
ଶ୍ରୀମତୀ ଲଳୀତା ସର୍ଦ୍ଦାର

**ସଂଯୋଜନା**
ଡ଼ଃ ପରମାନନ୍ଦ ପଟେଲ

**ଅଳଙ୍କରଣ**
ପ୍ରିୟରଞ୍ଜନ ବରାଳ

**ପ୍ରକାଶକ**
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

**Director :**
Prof. (Dr.) A.B. Ota

**Prepared by :**
Bhumija Resource Group
Sri Mahendranath Sardar
Sri Budheswar Munda
Smt. Lalita Sardar

**Co-ordinator :**
Dr. Paramananda Patel

**Illustration :**
Priyaranjan Baral

**Published by :**
Academy of Tribal Languages & Culture
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିସ୍ତରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଭୂମିଜ ଭାଷାର ପ୍ରଥମ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ମାଲ୍ଲୀବାହା ଆର ମୁରୁଦ ବାହା (ମଲ୍ଲୀ ଓ ପଳାସ ଫୁଲ)

ମାଲି ଆର ମୁରୁଦ ନୁମୁତେ ବାରିଆ କୁଳିହନକିନ ମଏଁ ଅଳାଃରେ ସିର୍ଜନ ଲେନାକିନ । ମୁରୁଦ ସିର୍ଜନ ଲେନାୟ ଆୟାର ଆର ମାଲି ତାୟମ ତେ ସିର୍ଜନ ଲେନାୟ । ବାରହଲ ଘାକେ ବେଜାଇଁ ଦୁଲାଳ ରେ ହାରା ଜାନା କିନ । ସ୍କୁଲ ହଁ ସେନ ପାଳଓରେ ଆୟାଜ୍ ମନକା ତାୟଲେନା । ମାଷ୍ଟର କଆଃ କାଜିହଁ କା ଆୟମ କଆ । ତବେ ମାଲି ବେଶଗେ ପାଳାଓ କେଆ । ମାଷ୍ଟର କଆ କାଜିହଁ ଆୟମ କେଆ । ମୁରୁଦ ବେଶତେ କା ପାଳାଓ କେଆୟ ମେନ୍ତେ ପରୀକ୍ଷାରେ ଫେଲ ଜାନା ।



ମଲ୍ଲୀ ଓ ପଳାସ ନାମରେ ଦୁଇଜଣ ଝିଅ ଗୋଟିଏ ପରିବାରରେ ଜନ୍ମ ହୋଇଥିଲେ । ପଳାସ ବଡ ଥିଲା ଓ ମଲ୍ଲୀ ଛୋଟ ଥିଲା । ଦୁଇ ଜଣ ଯାକ ବଡ ହେଲା ପରେ ସ୍କୁଲକୁ ଗଲେ । ସ୍କୁଲରେ ପଳାସ ଭଲ ପଢେନାହିଁ, ଶିକ୍ଷକଙ୍କ କଥା ମାନେ ନାହିଁ । ମଲ୍ଲୀ କିନ୍ତୁ ଭଲ ପଢେ ଶିକ୍ଷକଙ୍କ କଥା ମାନି ଚଳେ । ପଳାସ ଭଲ ପଢୁ ନ ଥିବାରୁ ପରୀକ୍ଷାରେ ଫେଲ ହେଲା । ମଲ୍ଲୀ ପରୀକ୍ଷାରେ ପାସ କଲା । ମଲ୍ଲୀ ପରୀକ୍ଷାରେ ପାସ କରି ଆଗକୁ ପଢିଲା ।

**ମାଲି ବେଶତେ ପାଲାଓ କେଆ ମେନ୍ତେ ଇନିଜ୍ ପାସ୍ କେଆ । ମୁରୁଦ ଫେଲ ଜାନା ମେନ୍ତେ ଅଡଃ କା ପାଲାଓ କେଆ । ବାରହଲ ଦୁବଆତୁଂ ଦାରୁବାଲା ଜାନାକ ତାୟମ, କୁକୁଲି କ ହିଜ୍‌ଜାନା । ମୁରୁଦକେ କା ପସନ୍ଦ କାତେ ମାଲିକେ ପସନ୍ଦ କେଆକ, ତାୟମ ଆଣାଦିକାତେ ମାଲିକେ ଇଦି କେଆକ । ମାଲିଆ ହନେ ଗାଶା ହୁଇଜାନା, ସଂସାର ମାସ୍କାଲ ଜାନା । ବେଜାଇଁ ସିର୍ମା ତାୟମ ମାଲି ଆର ମୁରୁଦ ବଙ୍ଗା ଜାନାକ, ମାଲି ବଙ୍ଗାଜାନା ତାୟମ, ମାଲିକେ, ଆକଆ ବାଳଗୀରେ ତପା କିଜିଆ କ ।**



ପଳାସ ପରୀକ୍ଷାରେ ଫେଲ ହୋଇ ଆଉ ପଢିଲା ନାହିଁ । ଘରେ ଦୁଇଜଣଯାକ ବଡ ହେଲା ପରେ ବର ଆସିଲେ ବରମାନେ ପଳାସକୁ ଭଲ ପାଇଲେ ନାହିଁ । ମଲ୍ଲୀକୁ ପସନ୍ଦ କରି ବିଭା ହେଲେ । ମଲ୍ଲୀର ଛୁଆ ପିଲା ହେଲେ । ମଲ୍ଲୀ ଚାକିରି ମଧ୍ୟ କଲା । ବହୁ ବର୍ଷପରେ ଦୁଇ ଜଣ ବୁଢୀ ହୋଇ ମଲେ । ପଳାସ ମଲା ପରେ ତାକୁ ବିଲ ପାଖ ପଡିଆରେ ପୋତିଦେଲେ ।  ମଲ୍ଲୀ ମଲା ପରେ ତାର ଛୁଆ ପିଲା ମାନେ ତାଙ୍କ ବାଡିରେ ପୋତିଦେଲେ । କିଛି ଦିନ ପରେ ପଳାସକୁ ପୋତିଥିବା ଜାଗାରୁ ଏକ ଗଛ ଉତ୍ପନ୍ନ ହେଲା ।

ପିଲାଙ୍କ କଥା

**ମୁରୁଦ ବଙ୍ଗା ଜାନା ତାୟମ, ମୁରୁଦକେ ଗଡାନାଲିରେ ତପା କିଜିଆ କ ତାୟମ, ମାଲିକେ ଅକୋ ଜାଗାରେ ତପା ଲିଜିଆ କ, ଏନ ଜାଗା ଆତୁଂ ମଏଁ ଦାରୁ ଅମନ ଜାନା । ମୁରୁଦକେ ଅକୋ ଜାଗାରେ ତପା ଲଜିଆ କ, ଏନ ଜାଗାଆତୁଁ ହଁ ମଏଁ ଦାରୁ ଅମନ ଜାନା । ତେବେ ମାଲିକେ ତପା ଲିଜିଆ ଆତୁଁ ଅକୋଦାରୁ ଅମନ ଲେନା, ଏନ ଦାରୁରେଆଃ ବାହାକ ସୱାନ ଦାନା ଆର ମୁରୁଦକେ ଅକୋ ଜାଇଗାରେ ତପା ଲିଜିଆ କ, ଏନ ଜାଇଗା ଆତୁଁ ଅମନ ଲେନା ଦାରୁରେଆଃ ଜ କଦ କା ସୱାନଜାନା । ଇନାତେ ନେବାରହଁ ମାଲିବାହା ସୱାନା ଆର ମୁରୁଦବାହା କା ସୱାନ ।**



ମଲ୍ଲୀକୁ ପୋତିଥିବା ଜାଗାରୁ ମଧ୍ୟ ଏକ ଗଛ ଉତ୍ପନ୍ନ ହେଲା ମଲ୍ଲୀକୁ ପୋତିଥିବା ଜାଗାରୁ ଯେଉଁ ଗଛ ବାହାରିଲା, ସେ ଗଛର ଫୁଲ ମଧୁର ବାସିଲା କିନ୍ତୁ ପଳାସକୁ ପୋତିଥିବା ଜାଗାରୁ ଯେଉଁ ଗଛ ବାହାରିଲା ସେ ଗଛର ଫୁଲ ବାସିଲା ନାହିଁ । ଏହାର କାରଣ ହେଲା ମଲ୍ଲୀ ଭଲ କାମ କରିଥିଲା ବୋଲି ମଲ୍ଲୀ ଫୁଲରେ ଭଗବାନ ମିଠାବାସନା ଦେଲେ, ପଳାସ ଭଲ କାମ କରି ନ ଥିବାରୁ ପଳାସ ଫୁଲରେ ଭଲ ବାସନା ଦେଲେ ନାହିଁ ।

# ଦୁନ୍ଦୁପେଚା ଚି ଲାଗିନ ନିନ୍ଦାରେ ଉଡ୍ଡୁଂ ହଆୟ
# (ପେଚ଼ କ'ଣ ପାଇଁ ରାତିରେ ବାହାରେ)

**ମୁସିଂ ବୁରୁରେଆଃ ଯତୋ ଚେଣେ ଚିପୁରୁଇକ ଆକଆ ରାଜା ଅକୟ ହୁୟୁଆ ମେନ୍ତେ ବିଚାର କେଆ ଯତୋ ଚେଣେ ଚିପୁରୁଇକ ସଭାତେ ହିଜ୍ ସେଟେର ଜାନାକ । ତବେ ମାରାଃ ବେଜାଇଁ ସାଜାଓ ସାଜାଓ କାତେ ହିଜୁଆ ମେନ୍ତେ, ଏନ ସାଜାଓ ସାଜାଓ ତେଗେ ବେଜାଇଁ ବିଲମ କେଆ । ମାରାଃ ସଭାତେ କା ହିଜ୍ ଜାନାୟ ଆର ବିଲମ ଜାନାୟ ଅକ୍ତରେ, ଦୁନ୍ଦୁଆୟାଃ ମେଟ୍ ଆଚୂର ବିୟୂର କାତେ ମେନକେଆ, ଇଞ୍ଜ ଏଇଁ ରାଜା ହୁୟୁଆ ଆର ସେନ୍‌କାତେ ରାଜାଆଃ ଆସନରେ ଦୁବଜାନା ।**



ଦିନେ ଜଙ୍ଗଲରେ ସମସ୍ତ ପକ୍ଷୀ ଗଣ ସେମାନଙ୍କ ରଜା କିଏ ହେବେ ବୋଲି ବିଚାର କଲେ । ଜଙ୍ଗଲର ସମସ୍ତ ପକ୍ଷୀ ଏକାଠି ହେଲେ । ରଜାଙ୍କ ପାଇଁ ଏକ ଆସନ ରଖାଗଲା । ସମସ୍ତ ପକ୍ଷୀ ଆସି ଯାଇଥିଲେ ମଧ୍ୟ ମୟୂର ସଭାକୁ ଆସିବା ପାଇଁ ସାଜସଜ୍ଜା ହେଉ ହେଉ ବହୁତ ବିଳମ୍ବ ହେଲା । ମୟୂର ସଭାକୁ ଆସିବା ନିମନ୍ତେ ବିଳମ୍ବ ହେବାରୁ ଦୁନ୍ଦୁ ନିଜକୁ ନିଜେ ରଜା ବୋଲି ଭାବି ଜୋର ଜବରଦୋସ୍ତ ଯାଇ ରଜା ଆସନରେ ବସିଲା ଓ ନିଜକୁ ରଜା ବୋଲି ଘୋଷଣା କଲା ।

ଠିକ ନେନ୍ ଅକ୍ତରେ ମାରାଃ ସେଟେରଜାନା । ତାୟମ ଯତୋ ଚେଣେ ଚିପୁରୁଟକ ଦୁନ୍ଦୁକେ ରାଗ ଜାନାକ । ଯତୋହଲ କା ସେଟେରକାତେ ଆୟଗେ ଯବରଯସ୍ତି ରାଜା ଆସନରେ ଦୁବଜାନାୟ ମେନ୍ତେ ଯତୋ ଚେଣେ ଚିପୁରୁଇକ ଦୁନ୍ଦୁକେ ଥାମ କିଜିଆକ । ତାୟମ ଏନ ଥାମ୍ ତାନାକ ଅକ୍ତରେ ଏନ୍‌ରେ ଆତୁଂ ଉଡାଓ ନିର ଜାନାୟ ଆର ବୁରୁରେଆଃ ଧରି ଖୋଲରେ ଉକୁଜାନାୟ । ଏନ ଥାମ ବରୋତେ ଦୁନ୍ଦୁ ହଆର ହାବିଜ୍ ସିଙ୍ଗରେ କାଉଡୁଂ କାତେ ନିନ୍ଦାରେ ଉଡୁଂ ହଆୟ ।



ଠିକ ଏତିକି ବେଳେ ମୟୂର ଆସି ପହଞ୍ଚିଲା । ମୟୂର ଆସି ପହଞ୍ଚିବାରୁ ସମସ୍ତ ପକ୍ଷୀ ଦୁନ୍ଦୁ ପେଚାକୁ ରାଗିଗଲେ । ସମସ୍ତେ ନ ପହଞ୍ଚିବା ପୂର୍ବରୁ ନିଜେ  ଦୁନ୍ଦୁ ପେଚା ନିଜକୁ ରଜା ବୋଲି ଘୋଷଣା କରିଥିବାରୁ ତାକୁ ରାଗିଯାଇ ବହୁତ ପିଟିଲେ । ଦୁନ୍ଦୁ ପେଚା ନିଜର ଭୁଲ ସ୍ୱୀକାର କରି ମାଡ ଭୟରେ ସଭାରୁ ଉଡି ପଳାଇଲା ଓ ଜଙ୍ଗଲର ପଥର ଗୁମ୍ଫାରେ ଯାଇ ଲୁଚିଲା । ସେହି ଦିନରୁ ଦୁନ୍ଦୁ ପେଚା ଦିନରେ ନ ବାହାରି ରାତିରେ ବାହାରେ ।

# ଏରାକଆଃ ମଟଂରେ ଚିଲାଗିନ ଦାଲିଆ କା ଉଡୁଂହଆ (ଝିଅମାନଙ୍କ ମୁହଁରେ କାହିଁକି ଦାଢ଼ୀ ବାହାରେ ନାହିଁ)

ମାନବା ମାନବୀକ ସିର୍ଜନ ଜାନାକ ଅକ୍ତରେ ମାନବା ମାନବୀ ଜତୋକଆଃ ଦାଲିଆ ଉଡୁଂ ତାୟଲେନା । ମୁସିଂ ସିର୍ଜନରେନ ଯତୋ କୁଳି ହନ କ ଉମ୍‌ତେ ଗାଡା ସେନଜାନାକ । ଉମ୍ ଲାଗିନ ଦାଃ ବିତାରେ ବଲୋନ ଜାନାକ ଅକ୍ତରେ ଯତୋକଗେ ମଟଂରେ ତାୟଲେନା ଦାଲିଆକ ଅଚଃ କାତେ ବୁନୁମରେ ଜଗାଓ କେଆକ ଦାଃ ବିତାରେ ବଲୋ କାତେ ଉମ୍ ତାନାକ ଅକ୍ତରେ ମଏଁ ମେରମ ଏଙ୍ଗା ହିଜ ଜାନାୟ । ଦାଲିଆ କକ ନେଲ ନାମ କେଆ ।



ମଣିଷ ସୃଷ୍ଟି ସମୟରେ ପୁରୁଷ ସ୍ତ୍ରୀ ଉଭୟଙ୍କ ମୁହରେ ଦାଢି ରହିଥିଲା । ଦିନେ ସ୍ତ୍ରୀ ମାନେ ମିଳିମିଶି ନଈକୁ ଗାଧେଇବାକୁ ଗଲେ । ନଈ ପାଖରେ ପହଞ୍ଚି ନିଜ ନିଜ ନିଶ ଦାଢିକୁ ସମସ୍ତେ ଖୋଲି ଦେଇ ନଈ ପଠାରେ ରଖିଦେଲେ ଓ ଗାଧେଇବା ନିମନ୍ତେ ପାଣି ଭିତରକୁ ପଶିଲେ । ସମସ୍ତ ସ୍ତ୍ରୀ ମାନେ ପାଣି ଭିତରେ ଗାଧୋଉଥିବା ବେଳେ ଏକ ଛେଳି ଆସିଲା । ଛେଳି ଟିଏ ମହିଳା ମାନଙ୍କ ନିଶ ଦାଢି କୁ ଦେଖି ଘାସ ବୋଲି ଭାବି ରଖିଥିବା ନିଶ ଦାଢି ପାଖକୁ ଗଲା ।


**ମେରମ ଏଙ୍ଗା ଦାଲିଆନ ନେଲ ନାମ କାତେ ଏନ୍ ଦାଲିଆ ସୁବାତେ ସେନ ଦାନାୟ ଆର ତାସାଦ ଲେକା ନେଲ କାତେ ଦାଲିଆକ ଯତୋ ଜମ୍‌କେ ଆୟ,ଆର ଏନ୍ ଟାୟ ଆତୁ ଉଡୁଂ ସେନ ଜାନାୟ । ତାୟମ ୍ତୋ ଏରାକ ଦାଃ ବିତାର ଆତୁଂ ଉଟାକାତେ ନେଲ ତାନାକ ଯେ,ଆକଆ ଯତୋ ଦାଲିଆକ ବାନିଆ । ଯତୋ ସାଃରେ  ପାନ୍ତି କେଆକରେହଁ କାକ ନାମ ଦାଃଲିଜାନା । ଆର ଏନକା ତେଗେ ଅଲାଃତେ ସେଟେର ଜାନାକ ଦାଲିଆ କାକ ନାମ୍ ଜାନାକ ତାୟମ ଏରା କଆଃ ମଚଂରେ ଦାଲିଆ ବାନିଃଜାନା ।**



ନିଶ ଦାଢି ପାଖକୁ ଯାଇ ସେଗୁଡିକୁ ଘାସ ବୋଲି ମନେକରି ସେଗୁଡିକୁ ଖାଇଦେଲା । ନିଶ ଦାଢି କୁ ଖାଇ ସାରି ସେଠାରୁ ପଳାଇଲା । ମହିଳା ମାନେ ଗାଧେଇସାରି କୁଳକୁ ଆସି ଦେଖନ୍ତି ତ ସେମାନଙ୍କ ନିଶ ଦାଢି ନାହିଁ । ବହୁତ ଖୋଜିଲେ ପାଇଲେ ନାହିଁ । ଶେଷରେ ସେହିପରି ରୂପରେ ଘରକୁ ଫେରିଲେ,ଯେଉଁ ଦିନ ମହିଳା ମାନଙ୍କ ନିଶ ଦାଢି କୁ ଛେଳି ଖାଇଦେଲା, ସେହି ଦିନଠାରୁ ମହିଳା ମାନଙ୍କ ମୁହଁରେ ଦାଢି ରହିଲା ନାହିଁ ।

# ନାଆଲ ନୁମୁ ଚିଲେକାତେ ହୁଇଜାନା
# (ଲଙ୍ଗଳ ନାମ କିପରି ହେଲା)

ଚାଷ ବାସରେଆଃ ଜିନଷ ହୁଇତାନା, ନାଆଲ ଇଶି ଆର ଆରାଣ । ନେନ ନାଆଲ , ଇଶି ଆର ଆରାଣ ନୁମୁ ଚିଲେକାତେ ହୁଇଜାନା, ନିଆଁ ବେଜାଇଁ କମ୍ ହଲକ ଏତୋ ଆନାକ । ତବେ ଏତରେଆଃ କାଜି ଯେ ସିର୍ଜନ କାରି 'ଆପୁହର' ପାଆଲ ନେନ୍ ନାଆଲ ବାୟଲେଆ । ନେନ୍ ନାଆଲତେ ଆତାଲ ପାତାଲ ପର ଆତୁଂ ହାସା ରାକାବ୍ କାତେ ବାରିଆ ହାସା ବୁରୁ, ମାରାଂ ମୌଦାବୁରୁ ଆର ହୁଡିଂ ମୌଦାବୁରୁ ବାୟଲେଆ ।



ଚାଷବାସର ଜିନଷ ହେଉଛି ଲଙ୍ଗଳ, ଜୁଆଳି ଓ ଇଶ, ତେବେ ଏହି ଲଙ୍ଗଳ, ଜୁଆଳି ଓ ଇଶର ନାମ କିପରି ନାମିତ ହେଲା,ଏହା ଖୁବ୍ କମ୍ ଲୋକ ଜାଣିଛନ୍ତି । ତେବେ ଜାଣିବାର କଥା ହେଉଛି,ସୃଷ୍ଟିକର୍ତ୍ତା ପିତା ହର ଉଭାବନ କରି ଆତାଳ ପାତାଳ ପୁରର ମାଟିକୁ ଏହି ଲଙ୍ଗଳ ସାହାଯ୍ୟ ରେ ତାଡିଆଣି ଦୁଇଟି ମାଟି ପର୍ବତ ତିଆରି କରିଥିଲେ ।

ନେନ୍ ବାରିଆ ହାସାବୁରୁ ବାୟ କେଆ ତାୟମ ଏନ ନାଆଲ ତେଟ୍ ଭୂମିଜ କକେ ଅମାଟ୍ କଆ । ଆର ନେନ୍ ନାଆଲ ରେଆଃ ନୁମୁ ଭୂମିଜ କଆଃ ନଅହାଗା ନୁମୁ ଇଦିକାତେ ନୁମୁ ଆକାନା । ନଅ ହାଗା ଅକୋ ସାହାନ୍ତେ ହାସାରେ ସିଉ କେଆକଃ ଇନାରେଆଃ ନୁମୁଗେ ନାଆଲ । ଆର ନେନ୍ ନାଆଲ ଲଃ ଅକୋ ସାହାନରେ ତଲକାତେ ଉରିଃ କେଡାକକ ୟୁଲାଓ କାତେ ଅର ଇତିଆକ,ଇନାଗେ ଆରାଣଦ ।



ଏହି ତିଆରି କରିଥିବା ଦୁଇଟି ମାଟି ପର୍ବତର ନାମ ହେଉଛି ବଡମୌଦା ପର୍ବତ ଓ ସାନମୌଦା ପର୍ବତ । ଏହି ଦୁଇଟି ପର୍ବତ ତିଆରି ସାରିଲା ପରେ,ଏହି ଲଙ୍ଗଳ ଭୂମିଜ ମାନଙ୍କୁ ପ୍ରଦାନ କଲେ । ଏହି ଲଙ୍ଗଳର ନାମ ଭୂମିଜ ମାନଙ୍କ ନଅ ଭାଇଙ୍କ ନାମ ଅନୁଯାୟୀ ନାମିତ କଲେ । ଭୂମିଜ ମାନେ ନଅ ଭାଇ ଯେଉଁ କାଠରେ ଭୂମିକୁ ତାଡି ଗୁଣ୍ଡ କରିଥିଲେ,ତାକୁ ନଙ୍ଗଳ ନାମରେ ନାମିତ କଲେ ।

**ଆର ନାଆଲରେ ଫୁଲକାତେ ଅକୋ ସାହାନ ମଏଁ ଗତାଉକାତେ,ଆରାଣଲଃ ତଲକଆ,ଇନାରେଆଃ ନୁମୁଗେ ଇଶି ଦ । ନାଆଲ ରେଆଃ ନେବାରଆଃ ନୁମୁ ହୁଇତାନା ଲଙ୍ଗଲ ଚି ନଙ୍ଗଲ । ନଅ ହାଗା ଅକୋ ସାହାନ ସାବ୍‌କାତେ ଉରିଃ କେଡାକ ଗଲ ଲେଆ,ଆର ହାସାକ ହଲଂ ଲେଆ,ଇନା ରେଆଃ ନୁମୁଗେ ନଙ୍ଗଲ ଦ ।**




ଏହି ନଙ୍ଗଳ ଆଗରେ ଯେଉଁ ଏକ କାଠ ବଳଦଙ୍କ କାନ୍ଧରେ ଆଡ ହୋଇ ରହିଥାଏ,ତାକୁ ଜୁଆଳି କୁହାଗଲା । 'ଜୁ'କହିଲେ ଯୋଡିବା, 'ଆଳି' କହିଲେ ଆଡ ହୋଇ ରହିବା । ତା ସହିତ ବଙ୍କା କାଠ ସହିତ ଯେଉଁ ଏକ କାଠ ଯୋଡିତ କରି 'ସି' ବା ହଳ କରିବାରେ ସାହାଯ୍ୟ କରେ ତାର ନାମ ହେଉଛି ଇଶି । ଏହାହିଁ ଲଙ୍ଗଳ, ଜୁଆଳି ଓ ଇଶ ନାମ ର ତାତ୍ପର୍ଯ୍ୟ ।

**ପିଲାଙ୍କ କଥା**

# ଉଲିଜ ହେଲେମ ଗେଆ, ଜଜ ଚିଲାଗିନ ଜଜଗେଆ
# (ଆମ୍ବ ମିଠା ଓ ତେନ୍ତୁଳି ଖଟା କାହିଁକି)

ଉଲି ଆର ଜଜ ନୁମୁତେ ବାରହଲ ରାଜାକିନ୍ ତାୟ ଲେନା । ଉଲି ବେଜାଇଁ ସଧା ସିଧା ରାଜା ତାୟ ଲେନା, ତବେ ଜଜ ବେଜାଇଁ ଚେଟ୍ରେ ରାଜା ତାୟଲେନା । ପାଟ ପ୍ରଜା ତେକଆଃ ସୁବିଧା ଅସୁବିଧାରେ ଉଲି ଟାକା ପୁଇସା ଏମାନ ତେମାନକ ସାହାଯ୍ୟ ଅମାକଆୟ ।ତବେ ଜଜ ବେଜାଇଁ ଚେଟ୍ରେ ରାଜା ହିସାବତେ ପାଟ ପ୍ରଜା ତେକକେ ଚିଆକହଁ କା ଅମାକଆୟ ।



ଆମ୍ବ ଓ ତେନ୍ତୁଳି ଦୁଇଜଣ ଦିନେ ରାଜା ଥିଲେ । ଆମ୍ବ ଜଣେ ସିଧା ସାଧା ରାଜା ଥିଲା କିନ୍ତୁ ତେନ୍ତୁଳି ବହୁତ କୃପଣ ରାଜା ଥିଲା । ପ୍ରଜାମାନଙ୍କ ସୁବିଧା ଅସୁବିଧାରେ ଆମ୍ବ ପ୍ରଜାମାନଙ୍କୁ ଟଙ୍କା ପଇସା ତଥା ଧାନ ଚାଉଳ ଦେଇ ସାହାଯ୍ୟ କରୁଥିବା ବେଳେ ତେନ୍ତୁଳି କିଛି ବି ଦେଉନଥିଲା । ଦୁଇ ଜଣ ରାଜା ବହୁତ ଦିନ ରାଜ୍ୟ କଲା ପରେ ,ଦୁଇ ଜଣ ଜାକ ମୃତ୍ୟୁ ବରଣ କଲେ । ଦୁଇ ଜଣଙ୍କ ମୃତ୍ୟୁ ବରଣ ପରେ ଦୁଇ ଜଣଙ୍କୁ ଯେଉଁଜାଗାରେ ପୋତିଥିଲେ,

**ନିକିନ ବାରହଲ ରାଜାକିନ ବେଜାଇଁ ସିର୍ମା ବଙ୍ଗାଜାନକିନ ତାୟମ,ଉଲି ମଏଁ ଦାର ଲେକାତେ ଜନମ ଜାନାୟ,ଜଜ ହଁ ମଏଁ ଦାରୁ ଲେକାତେ ଜନମ ଜାନାୟ । ନେନ୍ ବାରିଆ ଦାରୁ ହାରକାତେ ଜ ଜାନା ଆର ଜ କଇସିନ ଜାନା ।ଉଲି ବେଜାଇଁ ସାଧା ସିଧା ରାଜା ତାୟଲେନା ମେନ୍ତେ ଉଲି ଜ ହେଲେମ ଜାନା । ଜଜ ବେଜାଇଁ ଚେଟ୍ରେ ରାଜା ତାୟଲେନା ମେନ୍ତେ ଜଜ "ଜ", ଜଜ ଜାନା ।**



ସେହି ଜାଗାରୁ ଦୁଇଟି ଗଛ ଉତ୍ପନ୍ନ ହେଲା । ଆମ୍ବକୁ ପୋତିଥିବା ଜାଗାରୁ ଆମ୍ବ ଗଛ ଉତ୍ପନ୍ନ ହେଲା ଓ ତେନ୍ତୁଳି କୁ ପୋତିଥିବା ଜାଗାରୁ ତେନ୍ତୁଳି ଗଛ ଉତ୍ପନ୍ନ  ହେଲା । ଦୁଇଟି ଗଛ ବଡ ହେଲା ପରେ ଦୁଇଟି ଗଛରେ ଫଳ ହେଲା । ଫଳ ଗୁଡିକ ପାଚିଲା ପରେ ଆମ୍ବ ଫଳ ମିଠା ଲାଗିଲା, ତେନ୍ତୁଳି ଫଳ ଖଟା ଲାଗିଲା । ଆମ୍ବ ସିଧା ସାଧା ରାଜା ଥିଲା ବୋଲି ଆମ୍ବ ଫଳ ମିଠା ଲାଗିଲା, ତେନ୍ତୁଳି କୃପଣ ଥିଲା ବୋଲି ତା ଫଳ ଖଟା ଲାଗିଲା ।

# ମଏଁ କାଟା ପହଲି (ଏକ ଗୋଡ଼ିଆ କାହାଣୀ)

ମଜ ଗୁପିକଲା ତାୟଲେନାୟ । ଇନିଃ ଦିନଗେ ଉରିଃ ଗୁପି ସେନେଆୟ । ବିରିନ ବୁରୁସାଃତେ ହଁୟଉରିଃ ଇଦିବାଲା କଆୟ । ନେନ୍ ଗୁପି କଲାଆଃ ଉରିଃକ ଜଜମ ଲାଗିନ ମଏଁ ତାରୁପ୍ ଦିନଗେ ଲଡୋ କଆୟ । ମୁସିଂ ଏନ ଗୁପି କଲା ସୁବାରେନ୍ ସେନଲେନାୟ ଝାରନା କାଟକମ ସାବକେଟକଆ,କାଟକମରାପାଃ କେଆ,ମାଣ୍ଡି ଜମ କେଆ । ମାଣ୍ଡି ଜମ କାତେ ଉରିଃ ସାମଟାଉ ଲାଗିନ ଛାତାତେଟ୍ ମଏଁ ଜାଗାରେ ବିଦ କାତେ ସେନଜାନାୟ । ତାୟନମ ଏନ ତାରୁଟଜୀ ଛାତାସୁବାତେ ହିଜଜାନା ଆର୍ ଏନ୍ ଛାତାକେ କୁଲିତାନାୟ- ଏମଟ୍‌କାଟ୍ଂ, ଏମଟ୍‌କାଟ୍ଂ, ବାରକାଟାଦୟ ଅକୋ ଜାନା ।



ଜଣେ ଗୋରୁ ଜଗାଳିଥିଲା । ସେ ସବୁଦିନ ଗୋରୁ ମାନଙ୍କୁ ଚରାଇବାକୁ ନେଇଯାଏ । ବଣ ଜଙ୍ଗଲ ଭିତରକୁ ମଧ୍ୟ ଦିନେ ଦିନେ ଗୋରୁମାନଙ୍କୁ ନେଇଯାଏ । ସେହି ଗୋରୁ ଜଗାଳିର ଗୋରୁ ଖାଇ ବାକୁ ଗୋଟିଏ ବାଘ ସବୁଦିନ ଚେଷ୍ଟା କରୁଥାଏ । ଦିନେ ଗୋରୁଜଗାଳି ପାଖ ଝରଣାରୁ କଙ୍କଡା ଧରି ଆଣିଲା । ନିଆଁରେ ପୋଡିଲା ଓ କଙ୍କଡା ପୋଡା ସହିତ ଭାତ ଖାଇଲା । ଭାତ ଖାଇସାରି ଗୋରୁମାନଙ୍କୁ ଖୋଜିବାକୁ ବାହାରିଲା । ଗୋରୁ ଖୋଜିବାକୁ ଗଲା ବେଳେ ଛତାକୁ ଭୂମିରେ ସିଧା ପୋତି ଦେଇ ଗୋରୁ ଖୋଜିବାକୁ ଗଲା ।

ତାୟନମ ଏନ ଛାତା ଉତ୍ତର ଅମକେଜିଆ ଗେଲେକାଟାକେ ଜଜମକାତେ ଉପୁନ କାଟାକେ ପାନ୍ତି ସେନଜାନାୟ । ତାୟମ ଏନ ତାରୁପ୍‌ଉପୁନକାଟା ନୁମୁ ଆୟମକାତେ, ଭାବିକେଆ- ଇଞ୍ଜଗେ ସେନା ଉପୁନ କାଟାଜୀବ, ଇନିଃ ଗେଲେକାଟା ଜୀବ ଚିମାଃ ମାରାଂ ଜୀବ ତାୟଲେନାୟ । ଆୟକେ ଜଜମ କାତେ ହଆର ଇଞ୍ଜକେ ଜଜମ ସାନାତାଜିଆଃ । ନେରେ କାହୁୟୁଆ ମେନ୍ତେ ଭାବି ବାଲାକାତେ ବେଜାଇଁ ହରବରତେ ତାରୁପ୍ ବରୋବରୋତେ ଏନରେ ଆତୁଂ ନିର୍ଜାନାୟ ।



ଗୋରୁଜଗାଳି ଗଲା ପରେ, ପୂର୍ବରୁ ଗୋରୁ ଖାଇ ବାକୁ ଚେଷ୍ଟା କରୁଥିବା ବାଘ ଛତା ପାଖକୁ ଆସିଲା । ଛତା ପାଖକୁ ଆସି ଛତାକୁ ପଚାରିଲା- ହେ ଏକ ଗୋଡିଆ ଭାଇ, ଏକ ଗୋଡିଆ ଭାଇ ଦୁଇ ଗୋଡିଆ କୁଆଡେ ଗଲା । ଛତା ଉତ୍ତର ଦେଲା ସେ ଦଶଗୋଡିଆକୁ ଖାଇ ଚାରିଗୋଡିଆକୁ ଖୋଜିବାକୁ ଗଲା । ଛତା ପାଖରୁ ବାଘ ଚାରିଗୋଡିଆକୁ ଖୋଜି ବାହାରିଛି । ମୁଁ ସିନା ଚାରିଗୋଡିଆ । ତେବେ କ'ଣ ମୋତେ ଖାଇବାକୁ ଖୋଜି ବାହାରିଛି । ପୁଣି ଦଶ ଗୋଡିଆ କେତେ ବଡ ଜୀବ ହୋଇ ନ ଥିବ । ନା ନା ଏଠି ହେବ ନାହିଁ ବୋଲି ବାଘ ମନରେ ଭାବି ଭୟରେ ତରତର ହୋଇ ସେଠାରୁ ଦୌଡି ପଳାଇଲା ।

ପିଲାଙ୍କ କଥା

# ବିଲାୟ ଟି ଲାଗିନ ଗାଡ୍ଡୁକାତେ ଇଜ ଆର ତପାଜଆ (ବିରାଡ଼ି ଗାତ ଖୋଳି ଝାଡ଼ା ଫେରେ ଓ ପୋତିଦିଏ)

ବିଲାୟ ଆର ତାରୁଟ ବାରହଲ ବିରିନରେମଜ୍ ଖୋଲରେଗେ ତାୟଲେନାକିନ । ମୁସିଂ ତାରୁପଟ ବିରିନରେ ଶିକାର କେଆ ଆର ଖୋଲତେ ଆଉକେଆ । ଶିକାର ଆଉକାତେ ବିଲାୟକେ ହାତୁତେ ସେଙ୍ଗେଲ ଆଉ ଲାଗିନ କୁଲ କିଜିଆ । ବିଲାୟ ସେଙ୍ଗେଲ ଆଉ ହାତୁତେ ସେନଜାନା । ମଏଁ ଅଲାରେ ସେଙ୍ଗେଲ  ଲାଗିନ ବଲୋ ଜାନାୟ ଅକ୍ତରେ, ନେଲତାନା ଯେ ଚୂଲା ସୁବାରେ ହାୟ ଉତୁ ମଏଁ କଢାରେ ମେନାଆଁ । ହାୟ ଉତୁ ଜମ କେଆ । ହାୟ ଉତୁ ଜମ କେଆ । ହାୟ ଉତୁ ଜମ୍ ଜମ୍ ତେ ବେଜାଇଁ ବିଲମ ଜାନାୟ ।



ବିଲେଇ ଓ ବାଘ ବଣରେ ଗୋଟିଏ ଗୁମ୍ଫାରେ  ରହୁଥିଲେ । ଥରେ ବାଘ ବଣରୁ ଏକ ଶିକାର ଆଣିଲା ଓ ବିଲେଇ କୁ ନିଆଁ ଆଣିବାକୁ କହିଲା । ବିଲେଇ ବାଘ କଥା ଶୁଣି ଗାଁ କୁ ନିଆଁ ଆଣିବାକୁ ଗଲା । ନିଆଁ ପାଇଁ ଗାଁ କୁ ଯାଇ ବିଲେଇ ଗୋଟିଏ ଘରେ ପଶିଲା । ସେ ଘରେ ପଶି ଦେଖିଲା ଚୂଲା ପାଖରେ ଗୋଟିଏ କରେଇରେ ମାଛ ତରକାରୀ ଅଛି । ବିଲେଇ ମାଛ ତରକାରୀ ଦେଖି,  ତରକାରୀ ଖାଇବାକୁ ଗଲା । ବିଲେଇ ମାଛ ତରକାରୀ ଖାଉ ଖାଉ ବହୁତ ବିଳମ୍ବ ହେଲା । ସିଆଡେ ବାଘ ବିଲେଇ ବାଟକୁ ଚାହିଁ ଚାହିଁ ବସି ରହିଲା ।

**ଏନ୍‌ସାଃ ତାରୁପ ବିଲାୟ ବିଲମ ଜାନାୟ ଅକ୍ତରେ ବେଜାଇଁ ରାଗ ଜାନାୟ । ଆର ତାଙ୍ଗିକାତେ ତାୟଜାନାୟ ତେବେ ରେହିଁ ବିଲାୟ ସେଙ୍ଗେଲ କା ଇଦିକେଟ୍ କଆ ଆର ହାତୁରେଗେ ତାୟଜାନା । ତାୟନମ୍ ତାରୁଟ ଆଜକେ ରାଗ ଜାନାୟ, ଆର ରାଗ୍ ରାଗ୍ କାତେ ମେନକେଜିଆ- ସାଲା ବିଲାୟ ଇଞ୍ଚକେ ଶେଣା କେଆମ । ଆଉରି, ଆମକେ ଆକୋ ମୁସିଂ ନାମେଆ, ଏନ ମୁସିଂ ଆମକେ ଆର ଆମାଃ ଇଃ କେହିଁ ଜମେଆ । ତାୟମ ଏନମୁସିଂ ଆତୁଂ ବିଲାୟ ବରୋତେ ଇଃକାତେ ତପାଜଆ ।**



ବହୁତ ଡେରି ହେଲା ପରେ ମଧ୍ୟ ବିଲେଇ ଫେରିଲା ନାହିଁ । ମାଛ ତରକାରୀ ଖାଉ ଖାଉ ନିଆଁ କଥା ଭୁଲି ଗଲା ଓ ଜଙ୍ଗଲକୁ ଫେରିବାକୁ ମଧ୍ୟ ଭୁଲିଗଲା । ବହୁତ ଡେରି ପରେ ମଧ୍ୟ ବିଲେଇ ନ ଆସିବାରୁ ବାଘ ବହୁତ ରାଗି ଗଲା ଓ କହିଲା, ଶାଳୀ ବିଲେଇ ତୁ ମୋତେ ଠକି ଦେଲୁ । ଠିକ ଅଛି, ମୁଁ ତତେ ଯେଉଁ ଦିନ ପାଇବି, ସେହିଦିନ ମୁଁ ତତେ ଖାଇବି ଓ ତର ଗୁହକୁ ମଧ୍ୟ ଖାଇବି । ସେହି କଥା ବିଲେଇ ଜାଣିପାରି ଗାତଖୋଳି ଝାଡାଫେରେ ଓ ଝାଡାଫେରି ସାରି ଝାଡାକୁ ପୋତିଦିଏ ।

# ମଏଁ ତରିଲ ଦାରୁ ରେଆଃ ପହଲି
# (କେନ୍ଦୁ ଗଛର କାହାଣୀ)

ଆଦିମ ଯୁଗରେ କିନ୍ଦି ମେନ୍ତେ ମଜ୍ କୁଳି ହନେ ମଜ ରେଙ୍ଗେଜ୍ ଅଳାଃରେ ଜନମ ଲେନା । ଆୟାଜ୍ ମାଇଁ ବାବୁତେକ ବେଜାଇଁ କଷ୍ଟତେ ଆୟକେ ହାରାକିଜିଆ । କୁଳି ହାରାଜାନାୟ ତାୟନମ ହାତୁସାଇ ଅଳାଃକରେ  ପାଇଟି ବାଲାୟା ଆର ନାଲାକ ଆଗୁକଆ । ଏନ ନାଲାତେଗେ ଆୟାଜ୍ ମାଇଁ ବାବୁକେ ଆପାସୁଲ ଏଆୟା । ତବେ କୁଳି ମାଣ୍ଡି ଜମ୍ ଅକ୍ତରେ, ଶେତା, ବିଲାୟ ନିର ହିଜୁଆକ । ଡେଡେମ୍ ଚେଣେ, ହଳ ଚେଣେ କଆକହଁ ଉଡାଓ ହିଜ୍କାତେ ଆୟାଃ ସୁବାରେକ ଦୁବ୍କଆକ । ନିକୁ ଯତୋ କଗେ ଅମାକଆୟ ଆର ସାରେଃକକ ଆୟ ଜମେୟା ।



ଆଦିମ ଯୁଗରେ କିନ୍ଦି ନାମରେ ଜଣେ ଝିଅ ଗୋଟିଏ ଗରିବ ପରିବାରରେ ଜନ୍ମ ହୋଇଥିଲା । କିନ୍ଦିର ବାପା ମାଆ କିନ୍ଦିକୁ  ବହୁତ କଷ୍ଟରେ ଛୋଟରୁ ବଡ କଲେ । କିନ୍ଦି ବଡ ହେଲାପରେ ଗାଁ ସାହି ମାନଙ୍କରେ ମୂଲ ଲାଗେ । ମୂଲ ଲାଗି ଯାହା ସବୁ ଆଣେ,ସେଇଥିରେ କିନ୍ଦି ଓ ତା ବାପା ମାଆ ଚଳିଯାଆନ୍ତି । ଗୋଟିଏ ବଡ କଥା ହେଲା, କିନ୍ଦି ଯେତେବେଳେ ଖାଇ ବସେ, କୁକୁର ବିଲେଇ, ଘରଚଟିଆ ପକ୍ଷୀ, କୁଆ ଓ ବଣି ମାନେ ଆସି ତା ପାଖରେ ବସି ଯାଆନ୍ତି । କିନ୍ଦି ନିଜେ ଖାଉଥିବା ଖାଦ୍ୟରୁ କିଛି କିଛି ଏମାନଙ୍କୁ ଦିଏ । ଯାହା ରହିଯାଏ ତାକୁ ନିଜେ ଖାଏ ।ଏହିପରି ବହୁ ଦିନ ଗଲାପରେ କିନ୍ଦିକୁ ଏକ ରୋଗ ହେଲା । ରୋଗର ଔଷଧ ନ ପାଇବାରୁ କିନ୍ଦି ମଲା ।

**ନେଲେକାନ ବେଜାଇଁ ସିର୍ମା ସେନଜାନା । ମୁସିଂ କିଲି ମଜ୍ ବେମାର ଜାନାୟ ଆର ହାଲା କା ନାମ୍‌କାତେ ବଙ୍ଗାଜାନାୟ । ତାୟନମ ଅୟକେ ରାପାଃ । ଲାଗିନ ଗାଡାକୁଟିତେ ଇଦିକେଆ କଆରଏନରେ ରାପାଃକେଆ । ନେନ୍ ଶେତା, ବିଲାୟ, ଚେଣେ ଚିପୁରୁଟ ଯତୋକହଁ କିନ୍ଦିକେ ରାପାଃ ଲେଆକ ଜାଇଗା ନେଲ ଲେଟ୍ ଆକ । ତାୟନମ ଦିନଦିନଗେ ଶେତା, ବିଲାୟ, ଚେଣେ ଚିପୁରୁଇଏନ ଦାଇଗାତେ ସେନକାତେ ବିକଲଗେ ରାଃ କଆକ । ନେଲେକାନ ବେଜାଇଁ ଦିନ ପାରମଜାନା । ତାୟନମ ସିର୍ଜନ କର୍ତ୍ତା ଶିବ ପାର୍ବତୀ ତିକିନ ନେନ୍ ଚେଣେ ଚିପୁରୁଇ  ଶେତା ବିଲୟ କଆଃ ହାଲେ ଡାଲେ ନେନେଲ କାତେ କିନ୍ଦିକେ ରାପାଃ ଲେଖିଲ ଜାଇଗା ଆତୁଂ ମଏଁ ଦାରୁ ସିର୍ଜନ କେଆ ।**



କିନ୍ଦି ମଲା ପରେ ତାକୁ ବୋହି ନେଇ ନଇ ପାଖକୁ ଗଲେ । ସେଠାରେ ତାକୁ ପୋଡିଦେଲେ । କିନ୍ଦିକୁ ନେଇ ପୋଡିବା ବେଳେ କୁକୁର ବିଲେଇ ଓ ଚଢେଇ ମାନେ ମଧ୍ୟେ ଦେଖିଥିଲେ । କିନ୍ଦିକୁ ପୋଡିସାରି ଲୋକମାନେ ଫେରିଲେ । କିନ୍ତୁ ଚଢେଇ ମାନେ କିନ୍ଦିକୁ ନ ଦେଖି,କୁକୁର ବିଲେଇମାନେ ମଧ୍ୟେ କିନ୍ଦିକୁ ନଦେଖି ବହୁତ ବିକଳ ହେଲେ ଓ ପୋଡିଥିବା ଜାଗା ଯାଇ ବହୁତ ରାବ ଦେଲେ । ସୃଷ୍ଟିକର୍ତ୍ତା ଶିବ ପାର୍ବତୀ ଏହା ଦେଖିଲେ । ଶିବ ପାର୍ବତୀ ଏହି ଚଢେଇ ଓ କୁକୁର ବିଲେଇ ମାନଙ୍କୁ ଖୁସି କରିବା ପାଇଁ କିନ୍ଦିକୁ ପୋଡିଥିବା ଜାଗାରୁ ଏକ ଫଳ ଗଛ ସୃଷ୍ଟି କଲେ ।  ଗଛଟି ସୃଷ୍ଟିହୋଇ ଧୀରେ ଧୀରେ ବଢିଲା ।


**ଦାରୁ ସିର୍ଜନ କାତେ ହାରାଜାନାୟ ଜ ଜାନାୟ,ଜ କକ ଗେଲେ ଜାନାୟ ।ଜ କକ ଗେଲେ କାତେ ହାସାରେ ଲୁଜଦୁଜାନା ତାୟନମ, ଏନ ଚେଣେ ଚିପୁରୁଇ ଶେତା ବିଲାୟ ଏନ୍ ଟୟାତେ ସେନଜାନାକ ଅକ୍ତରେ ଏନ ଜ କକ ନେଲନାମ କେଆ ଆର ଇନାକ ଜମ ଜମ କାତେ କୁଳି କାଜି ରିଣିଂ ଜାନା । ନେନ୍ ଦାରୁତେଟ୍ ମଜ୍ ତିରଲାକେ ଅର୍ଥାତ୍ ମଜ କୁଳିକେ ରାପାଃଲେଆ ଜାଇଗା ଆତୁଂ ଅମନ ଜାନାୟ ମେନ୍ତେ ନେନ ଦାରୁରେଆଃ ନୁମୁ ତିରିଲଃ ଦାରୁ ମେନ୍ତେ ନୁମୁ କେଆ । ନେନ୍ ତିରିଲଃ ଦାରୁଗେ ଯୁଗ ତାୟନମ ଯୁଗତେ ତିରିଲ୍ ଦାରୁ ମେନ୍ତେ ନୁମୁ ଜାନାୟ । ନେନ୍ ତିରଲ ଦାରୁଗେ କିନ୍ଦିକେ ରାପାଃଲେଆ ଜାଇଗା ଆତୁଂ ଅମନ ଲେନାୟ ମେନ୍ତେ କିନ୍ଦିଦାରୁ ମେନ୍ତେ ନୁମୁଲେନାୟ । ତାୟନମ ଇନାଗେ କେନ୍ଦୁଦାରୁ ହୁଇଜାନାୟ ।**



ଗଛରୁ ଫଳ ପଚି ଭୂମିରେ ପଡିଲା । ଚଢେଇମାନେ କୁକୁର ମାନେ ସେଠାକୁ ଗଲାବେଳେ ଏହି ଫଳ ଗୁଡିକ ଦେଖିଲେ । ଫଳକୁ ଦେଖି ଖାଇବାକୁ ଲାଗିଲେ ଫଳ ଖାଇ ବହୁତ ଖୁସି ହେଲେ, ଖୁସି ହୋଇ କିନ୍ଦିର କଥାକୁ ଭୁଲିଗଲେ । କିନ୍ଦିକୁ ପୋଡିଥିବା ଜାଗାରୁ ସୃଷ୍ଟି  ହେଲା ବୋଲି ତାର ନାମ ତିରିଲଃ ଗଛ ନାମ ଦିଆଗଲା । ଯୁଗ ପରେ ଯୁଗ ଏହି ତିରିଲଃ ନାମ ହିଁ ତିରିଲ୍ ଗଛ ହେଲା । କିନ୍ଦିକୁ ପୋଡିଥିବା ଜାଗରୁ ଏହି ଗଛ ଉତ୍ପନ୍ନ ହୋଇଥିବା ହେତୁ ତାକୁ କିନ୍ଦି ନାମରୁ କେନ୍ଦୁ ଗଛ ବୋଲି କୁହାଯାଏ ।

# ଓଝାଗୁନି ଆରସିମ୍ ବଙ୍ଗା (ଗୁଣିଆର କୁକୁଡ଼ା ପୂଜା)

ଦାମୁ ଦଶ କ୍ଲାସରେ ପଲାଓକଆୟ । ଦାମୁ ନେ କାଲମ ମ୍ୟାଟ୍ରିକ ପରୀକ୍ଷା  ଅମେଆୟ । ଆୟାଃ ବାବୁ ମୁସିଂ ହାସୁ ଜାନାୟ । ହାତୁରେଆଃ ଓଝା ହିଜ୍‌ଜାନା । ସୁନୁମ ସେକାମରେ ଚିଟିକେଆ ଆର ଏନା ଅଚଗେ କାତେ ଞେଲ କେଆ ଆରକାନି କେଆ ବଙ୍ଗା କଆଃ ଉମୁଲ ଜାବ୍‌ଆକାନା । ବାରିଆସିମ୍ ବଙ୍ଗା ଲେରେ ହାମୁ ଚାବା କଆ । ବାରିଆ ସିମକ ଅମକେଟ କଆ । ବାରିଆ ସିମ୍ ଓଝା ବଙ୍ଗା କେଆ ଆର ସେନଜାନା । ବାରିଆ ସିମନି ବଙ୍ଗା କେଟ୍ କଆରେହଁ ବାସି ମୁସିଂ ହାସୁ ହିଜ୍‌ଜାନ ।



ଦାମୁ ଦଶମ ଶ୍ରେଣୀରେ ପଢ଼େ । ଏ ବର୍ଷ ସେ ମ୍ୟାଟ୍ରିକ ପରୀକ୍ଷା ଦେବ । ଥରେ ତା ବାପାଙ୍କୁ ଜ୍ୱର ହେଲା । ଗାଁର ଓଝା ଆସିଲା । ପତ୍ରରେ ତେଲ ଦେଇ ପୁଡ଼ାକଲା, ପୁଡ଼ାକୁ ରଖିଦେଲା । କିଛି ସମୟ ପରେ ପତ୍ର ପୁଡ଼ା ଖୋଲି କୁକୁଡ଼ା ପୂଜା କଲେ ଜ୍ୱର ଭଲ ହେବ କହିଲା । କୁକୁଡା ପୂଜା କଲା । ପୂଜା ସାରି ଘରକୁ ଗଲା । ତା ପର ଦିନ ପୁଣି ଦାମୁ ର ବାପାଙ୍କୁ ଜ୍ୱର ହେଲା,ଓଝା ଆସିଲା । ଏଥର କିନ୍ତୁ  କୁକୁଡା ବଦଳରେ ଛେଳି ପୂଜା କରିବାକୁ କହିଲା ।

**ନେନ ମୁସିଂ ହଁ ସୁନୁମ ନେଲକେଆ ଆର ଓଝା ମେନକେନିଆ, ନେବାର ମେରମ୍ କେଆ । ର ମେରମ୍ ବଙ୍ଗା ମାନାକାତେ, ଆୟଃ ବାବୁକେ ଡାକ୍ତର ଖାନା ଇଦିକେଆ । ମାୟାମ ପରିକ୍ଷା ଇଚିକେଆ ଆରହାଲା । ଓ କାତେ ନେନ୍ ଜମ ଇଚିକେଆ। ତାୟନମ ହାସୁ ଚାବାଜାନା । ଦାମୁଆ ନେନ୍ ହରେନ ନେବାର ଯତୋ ହଲକ ସାବ୍‌କଜୋ ଆର ହାସୁ ହିଜ୍ ଜାନା ରେ ସିମ୍ ମେରମ କା ବଙ୍ଗା କାତେ ଡାକ୍ତରଖାନା  ଇଦିୟାକ ।**



ଛେଳି ପୂଜା କଥା ଶୁଣି ଦାମୁ ମନା କଲା । ବାପାଙ୍କୁ ନେଇ ଦାକ୍ତରଖାନା ଗଲା । ରକ୍ତ ପରୀକ୍ଷା କରାଇଲା । ଔଷଧ ଆଣିଲା । ଡାକ୍ତରଙ୍କ କହିବା ଅନୁଯାୟୀ ତା ବାପାଙ୍କୁ ଔଷଧ ଦେଲା । ତା ବାପାର ଜ୍ୱର ଛାଡିଗଲା । ଏହା ଦେଖି ବର୍ତ୍ତମାନ ଗାଁ ସାହିର ଲୋକମାନେ ଦାମୁର କଥା ଅନୁଯାୟୀ ଜ୍ୱର ହେଲେ ଡାକ୍ତରଖାନାକୁ ଗଲେ । ରକ୍ତ ପରୀକ୍ଷା କଲେ ଔଷଧ ଖାଇଲେ ଓ ରୋଗ ଭଲ ହେଲା । ତା ପରେ ଆଉ ଓଝାକୁ ପଚାରିଲେ ନାହିଁ ।

# ଆାସ୍‌କୁଟି ବାସ୍‌କୁଟି ଫୁ ମନ୍ତରେଆଃ ସିର୍ଜନ
# (ଆସକୁଟି ବାସକୁଟି ମନ୍ତର ଜନ୍ମକଥା)

ଆଦିମ ଯୁଗରେ ଡାକ୍ତର ଖାନା, ଡାକ୍ତର ହାଲା ଚିଆଁ କସ ଉଡୁଂ ଲେନା । ହଲକ ହାସୁ ଜାନରେ ଏନ ଚେରିମୂଳି ଜମ କାତେ ବେଶ ହୁଇତାନା ତାୟଲେନ । ଆରଅକୋକ ନେନ ଚେରିମୂଳି କା ଏତୋଲେଆ ଇନକିନ ଏନ ମନ୍ତ ଝାଳଫୁଙ୍କ୍ କାତେ ବେଶ୍ ହୁଇତାନା ତାୟଲେନା । ତବେ ନେନ ମନ୍ତରେଆଃ ସିର୍ଜନ ଚିଲେକା ହୁଇଜାନା, ଇନାଗେ ହଆର ନେଲେ ଆଲାଂ । ମୁସିଂ ମଗ୍ ହଲ ହାସୁଜାନା । ଆୟକେ ନେନେଲ ହାତୁ ସାଇ ହଲକ ହିଜଜାନାକା ଆୟାଃ ସୁବାରେ ଦୁବ୍ ଜାନାକ ଆର ଖାଲି ନେଲକାତେଗେ ତାୟଜାନା ।



ଆଗକାଳରେ ଡାକ୍ତରଖାନା, ଡାକ୍ତର ଔଷଧ କିଛି ବି ବାହାରି ନ ଥିଲା । ଲୋକମାନେ ଜ୍ୱର ହେଲେ ଚେରମୂଳି ଔଷଧ ଖାଇ ଭଲ ହେଉଥିଲେ । ଯିଏ ଏହି ଚେରମୂଳି ଜାଣି ନ ଥିଲେ ସେମାନେ ଝାଳଫୁଙ୍କ କରି ଭଲ ହେଉଥିଲେ । ତେବେ ଏହି ମନ୍ତ୍ର କିପରି ସୃଷ୍ଟିହେଲା ତାହା ଆଲୋଚନା କରିବା । ଦିନେ ଜଣେ ଜ୍ୱରରେ ପଡିଲା । ତାକୁ ଦେଖିବାକୁ ଗାଁ ର କେତେକ ଲୋକ ତା ପାଖକୁ ଗଲେ ।

ପିଲାଙ୍କ କଥା

ତାୟନମ ବେଜାଇଁ ବିଲମ୍‌ତେ ମଏଁ ହଲ ମଏଁ ବୁଦ୍ଧି ଉଡ୍ଡୁଂ କେଆ, ଆର ଖାଲି ଖାଲିତେଗେ ମେନକେଦିଆ - ଆସ୍‌କୁଟି ବାସ୍‌କୁଟି ଫୁ– ନେନ ହଲଆଃ ହାସୁ ଚାବା କୁଟି ଫୁ– ମେନ୍ତେ କାଜି କେଆୟ ତାୟମ,ହାସୁ ହଲଜାଃ ହୁଡିଂ ବେଶ୍ ଆଦା ଜାନାୟ । ଇନା ତରାଂ ଏନ୍ ମାନ୍ଦା ହାସୁ ତାୟଲେନାୟ । ତାୟନମ ଏନ ମୁସିଂ ଆତୁଂ ଏନ ହଲଜାଃକେ ଓଝା ମେନ୍ତେ ମାନକେ ଜିଆକ ଆର ଇନା ମଏଁ ମନ୍ତ୍ର ହୁଇଜାନା ।



କିପରି ଲାଗୁଛି ପଚାରିଲେ । ବାସ ଏତିକି । ଆଉ କେହି କିଛି କହିଲେ ନାହିଁ । ଚୁପ ହୋଇ ତା ପାଖରେ  ବସିଲେ । ଜଣେ କଣ ଭାବିଲା କେଜାଣି ମନେ ମନେ ସେ କିଛି ଶବ୍ଦ ମନେ କରି କହିଲେ - ଆସ୍‌କୁଟି ବାସ୍‌କୁଟି ଫୁ  - ନେନ ହଲଆଃ ହାସୁ ଚାବା କୁଟି ଫୁ କହି ଚୁପ ହୋଇ ବସିଲେ କିଛି ସମୟ ପରେ ଜ୍ୱର ହେଉଥିବା ଲୋକର ଜ୍ୱର ଛାଡି ଯିବାରୁ ତାହା ଏକ ମନ୍ତ୍ର ବୋଲି ଧରାଗଲା । ତାହା ଥଣ୍ଡା ଜ୍ୱର ଥିଲା ।

# ଦାରୁକଆଃ ରାଜା ବଟମ୍‌ଦାର ଆର ହେସା ଦାରୁଃ (ଗଛମାନଙ୍କର ରାଜା - ବର ଓ ଅଶ୍ୱତଥ୍ ଗଛ)


ମାନୁବା ମାନବୀକଆଃ ଯେମନ ରଜା ତାୟଲେନା ଠିକ ଏନକାଗେ ଦାରୁଆଃ ବିତାରରେ ହଁ ରଜାଦାରୁ ମେନାଆଁ । ରଜାକ ରଜା ସିଂହାସନରେ ଦୁବ୍‌କାତେ ପ୍ରଜାକଆଃ ନେଶ ଆର ଆ ରାପ ପାଇଟୀରେଆଃ ବିଚାରକିନ କରାଓ ଏୟାକ । ରାଜା କଆଃ ମଏଁ ସିଂହାସନ ଯେମନ ତାନା, ଠିକ୍ ଏନକାଗେ, ରାଜା ଦାରୁକଆଃ ହଁ ସିଂହାସନ ମେନାଆଁ । ନେନ ରାଜା କଆଃ ଜ,କ ଜାଙ୍ଗ୍‌କ,ଏନ ସିଂହାସନରେ କା ନୁରଲେରେ କା ଅମନକଆ ।



ମଣିଷ ମାନଙ୍କ ମଧ୍ୟରେ ଯେପରି ଜଣେ ଜଣେ ରଜା ରହିଥିଲେ,ଠିକ ସେହିପରି ଗଛ ମାନଙ୍କ ମଧ୍ୟରେ ମଧ୍ୟ ରଜା ଗଛ ବର୍ତ୍ତମାନ ରହିଛନ୍ତି । ରଜାମାନେ ସିଂହାସନରେ ବସି ପ୍ରଜା ମାନଙ୍କର ଭଲମନ୍ଦ ଯେପରି ବିଚାର କରୁଥିଲେ, ରଜା ମାନଙ୍କର ସିଂହାସନ ଯେପରି ନିହାତି ରହିଥାଏ,ଠିକ ସେହିପରି ରଜା ଗଛ ମାନଙ୍କର ମଧ୍ୟ ସିଂହାସନ ରହିଛି । ଏହି ରଜା ଗଛ ମାନଙ୍କର ଫଳ ଓ ମଞ୍ଜି ସିଂହାସନ ରେ ନ ପଡିଲେ ଅଙ୍କୁରିତ ହୁଏ ନାହିଁ ।

ପିଲାଙ୍କ କଥା


**ନେନ ରଜା ଦାରୁ କଆଃ ଜ,କ ଜାଙ୍ଗକ ସିଧା ହାସାରେ ନୁରୁକାତେ କାକ ଅମନ କଆ । ଇନାତେ ନେନ ରାଜା ଦାରୁ କଆଃ ସିଂହାସନ ହୁଇତାନା, ଏଟାଃ ମାରାଂ ମାରାଂ ଦାରୁକି । ନେନ ରାଜା ଦାରୁ ଦାରୁକଆଃ ଜ କ, ଜାଙ୍ଗକ ଏନ୍ ମାରାଂ ମାରାଂ ଦାରୁ ଚେତାନରେ ନୁର୍‌କାରେ ଏନରେ ଅମନକଆଃ,ଆର ବାୟ ବାୟତେ ହାରାକେତେ ମାରାଂ ମାରାଂ ଦାରୁ ହୁଇତାନା । ରାଜା ଦାରୁକି ।କୋକ ଏନ ଦାରୁ ଚେତାନରେ ସିଂହାସନରେ ତାୟକାତେ ଅମନ କଆ,ଇନ୍ଦ୍ରଲ ହୁଇତାନା ରାଜାଦାରୁ ବଟମ ଦାରୁ ଆର ରାଜା ଦାରୁ ହେସାଃ ଦାରୁ ।**



ଏହି ରଜା ଗଛ ମାନଙ୍କର ଫଳ ଓ ମଞ୍ଜି ସିଧା ଭୂମିରେ ପଡି ଅଙ୍କୁରିତ ହୁଅନ୍ତି ନାହିଁ । ତେଣୁ ଏହି ରଜା ଗଛ ମାନଙ୍କର ସିଂହାସନ ହେଉଛି ଅନ୍ୟ ଗଛମାନେ । ଏହି ରଜା ଗଛ ମାନଙ୍କର ଫଳ ଓ ମଞ୍ଜି ଏହି ବଡ ବଡ ଗଛ ମାନଙ୍କ ଉପରେ ପଡିଲେ ଅଙ୍କୁରିତ ହୁଅନ୍ତି । ଅଙ୍କୁରିତ ହୋଇ ଧିରେଧିରେ ବଡ ହୁଅନ୍ତି । ତେବେ ଏହି ରଜା ଗଛ ଯେଉଁମାନେ ବଡ ବଡ ଗଛ ମାନଙ୍କ ଉପରେ ଥାଇ ବଢିଥାନ୍ତି, ସେଗୁଡିକ ହେଲେ ରଜାଗଛ ବରଗଛ ଓ ରଜା ଗଛ ଅଶ୍ୱତ୍ଥ ଗଛ ।

# ସିନ୍ଧୁ ଗାଡାରେଆଃ ନୁମୁ ଚିଲେକା ସିନ୍ଧୁ ହୁଇଜାନା (ସିନ୍ଧୁ ନଦୀର ନାମକରଣ)

ସିନ୍ଧୁ ଗାଡାରେଆଃ ନୁମୁ ଚିଲେକାତେ ସିନ୍ଧୁ ହୁଇଜାନା ନିଆରେଆଃ ଗାଲପ ଭୂମିଜ କ ଟାୟରେ ମେନାଆଁ । ସିଂ ବଂଶଧର କଆଃ ବାରିଆ ବଙ୍ଗା ସିନ୍ଧୁ ଗାଡାରେଆଃ ବାରିଆ କୁଟିରେ ତାୟଲେନା ।  ମଏଁ  ବଙ୍ଗା ତାୟଲେନା ହରପ୍ପାରେ ଆର ଅଡ ମଏଁ ବଙ୍ଗା ତାୟଲେନା ମହେଞ୍ଜୋ । ଦାରୋରେ । ନିକିନ ବାରିଆ ବଙ୍ଗାକିନ ସିଂ ବଂଶଧର କଆ ବଙ୍ଗା ଲେକାତେ ତାୟଲେନାକିନ ମେନ୍ତେ ନିକିନାଃ ବେନା ନୁମୁ ହୁଇତାନା ସିଂ-ଦୋ । ନେକିନ୍‌ସିଂ-ଦୋ ତିକିନ, ଅକୋ ଗାଡା କୁଟିରେ ତାୟଲେନା,ଇନାଗେ ସିନ୍ଧୁ ଗାଡା ।



ସିନ୍ଧୁ ନଦୀର ନାମ କିପରି ସିନ୍ଧୁ ନଦୀ ନାମ ହେଲା । ତାର ଉତ୍ତର ଭୂମିଜ ମାନଙ୍କ ଗଳ୍ପରେ ରହିଛି । ସିଂ ବଂଶଧରଙ୍କର ଦୁଇ ଦେବତା ଏହି ସିନ୍ଧୁ ନଦୀର ଦୁଇ କୂଳରେ ରହିଥିଲେ । ଜଣେ ରହିଥିଲେ ହରପ୍ପାରେ ଅନ୍ୟ ଜଣେ ରହିଥିଲେ ମହେଞ୍ଜୋଦାରୋରେ । ଏହି ଦୁଇ ଦେବତା ସିଂ ବଂଶଧରଙ୍କ ଦେବତା ହୋଇ ରହିଥିଲେ ବୋଲି ଏମାନଙ୍କ ନାମ ସିଂ-ଦୋ । ଏହି ସିଂ-ଦୋ, ଦୁଇ ଦେବତା ଯେଉଁ ନଦୀକୂଳରେ ରହୁଥିଲେ ସେହି ନଦୀର ନାମ ହେଉଛି ସିନ୍ଧୁନଦୀ ।

ପିଲାଙ୍କ କଥା

# ସୋନାଗାଡା ରେଆଃ ନୁମୁ
# (ସୁବର୍ଣ୍ଣରେଖା ନଦୀର ନାମକରଣ)

ଭୁମିଜକ ଭାରତ ଦିଶୁମରେ ତାୟଜାନାକ । ଅକ୍ତରେ ଏନ ଗାଡା କୁଟି କରେଗେ ତାୟଲେନାକ । ନେନ୍ ଗାଡାକୁଟି ଛାଡା ଏଟାଃସାଃରେଆଃ ଅତେହାସା କରେ ଏକେନ ହିଡିଂ ମାରାଂ ଦାରୁକ, ଝାଲ୍ଝାଣ୍ଟିକ ତାୟ ଲେନାୟା ଏନ ଦାରୁ ଗାଜାଜ ବିତାରେ ବଲୋକାତେ ତାୟ ଦ ବେଜାଇଁ ଅସୁବିଧା ତାୟଲେନାୟ । ଇନାତେ ଏନ ଗାଡା କୁଟି କରେଗେ ତାୟଲେନାକ । ଭାରତ ଦିଶୁମରେଆଃ ନେନ୍ ଗାଡାକୁଟିରେ ତାୟବାଲାକାତେ ହାୟକ ଗଜ୍କଆକ ଆର ଜମ୍କଆକ ।



ଭୂମିଜ ମାନେ ଭାରତରେ ରହିବା ବେଳେ ନଦୀକୂଳ ମାନଙ୍କରେ ରହୁଥିଲେ । ଏହି ନଦୀକୂଳ ଛଡା ଅନ୍ୟ ଜାଗାସବୁ ବଡ ବଡ ଗଛ ଲତାରେ ପରିପୂର୍ଣ୍ଣ ଥିଲା । ସେହି ଗଛ ପୂର୍ଣ୍ଣ ଜାଗାରେ ରହିବା ସୁବିଧା ନ ଥିଲା । ତେଣୁ ଭୂମିଜ ମାନେ ନଦୀକୂଳ ମାନଙ୍କରେ ରହୁଥିଲେ । ଏହି ନଦୀକୂଳ ମାନଙ୍କରେ ରହି ମାଛ ମାରି ଖାଇ ଜୀବନ ଯାପନ କରୁଥିଲେ ।

**ହାୟକ ସାବ୍‌କଆକ ଅକ୍ତରେ, ଦାଃବିତାରେ ବେଜାଇଁ ସୋନାକକ ଞାମଲେଜିଆକ । ତବେ ସୋନାକକା ଆଓକାତେ ଏକେନ ହାୟକଗେ ଆବଆଓକଆକ ଆର ଜମେଆକ । ତବେ ଗୋଟା ଗାଡା ଦାଃ ବିତାରେ ସୋନାକଞାମଲେ ଜିଆକ ମେନ୍ତେ ନେନ୍ ଗାଡାରେଆଃ ନୁମୁ ସୋନାଗୋଡା ମେନ୍ତେ ନୁମୁ ଅମକେଜିଆକ ।  ତାୟନମ ଇନାଗେ ସୁବର୍ଣ୍ଣରେଖା ନୁମୁଜାନା ।**



ଭୂମିଜ ମାନେ ମାଛ ମାରିବା ସମୟରେ ଏକ ନଦୀ ଭିତରେ ବହୁତ ସୁନା ଦେଖିବାକୁ ପାଇଥିଲେ । କିନ୍ତୁ ସୁନା ପାଇଥିଲେ ମଧ୍ୟ ସୁନାକୁ ନ ଆଣି ମାଛକୁହିଁ ଆଣିଥିଲେ ଓ ତାକୁ ଖାଇଥିଲେ । ଭୂମିଜମାନେ ଯେଉଁ ନଦୀ ଭିତରେ ସୁନା ପାଇଥିଲେ ତାକୁ ସୋନାଗୋଡା ବୋଲି ନାମିତ କଲେ । ସେହି ସୋନାଗୋଡାର ନାମହିଁ ବର୍ତ୍ତମାନ ସୁବର୍ଣ୍ଣରେଖା ନଦୀ ବୋଲି କୁହାଯାଉଛି ।

ପିଲାଙ୍କ କଥା

# ଗଙ୍ଗା ଗୋଡାରେଆଃ ନୁମୁ ଅୟାର ଚିଆତାୟଲେନା
# (ଗଙ୍ଗା ନଦୀର ନାମ ଆଗରୁ କ'ଣ ଥିଲା)

ଆର୍ଯ୍ୟକ ଭାରତ ଦିଶୁମରେ ବଲୋ ଜାନାକ ଆୟାର ଗଙ୍ଗା ଗାଡାରେଆଃ ନୁମୁ ଗଙ୍ଗା ଗାଡା ନୁମୁ କା ତାୟଲେନା । ଆର୍ଯ୍ୟକ ବଲୋ ଜାନାକ ଆୟାତ ଗଙ୍ଗାଗାଡାକୁଟିରେ ଭୂମିଜ କ ତାୟ ଲେନା । ଭୂମିଜକ ଗଙ୍ଗାଗାଡାକୁଟିରେ ଭୂମିଜ କ ତାୟ ଲେନା । ଭୂମିଜ କ ଗଙ୍ଗାଗାଡାକୁଟିରେ ତାୟଲେନାକ ଅକ୍ତରେ ଗଙ୍ଗାଗାଡାରେଆଃ ନୁ "ଜାନହାବିଃ" ଗାଡା ମେନ୍ତେ ନୁମୁ ଅମଲେଜିଆକ ।



ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିବା ପୂର୍ବରୁ ଗଙ୍ଗାନଦୀର ନାମ ଗଙ୍ଗାନଦୀ, ନ ଥିଲା, ଆର୍ଯ୍ୟମାନେ ଭାରତରେ ପ୍ରବେଶ ପୂର୍ବରୁ ଗଙ୍ଗାନଦୀ କୂଳରେ ଭୂମିଜ ମାନେ ରହୁଥିଲେ । ଭୂମିଜ ମାନେ ଏହି ଗଙ୍ଗାନଦୀକୂଳରେ ରହିବା ବେଳେ, ଏହି ନଦୀ କୂଳରେ ଜୀବନ ଯାହା ନ ଥିବା ପର୍ଯ୍ୟନ୍ତ ରହିବେ ବୋଲି ଠିକ କରି ଏହି ନଦୀର ନାମ "ଜାନହାବିଃ" ନାମରେ ନାମିତ କରିଥିଲେ ।

**ଜାନହାବିଃ ରେଆଃ ଅର୍ଥ ହୁଇତାନା, ଅକୋ ଗାଡାକୁଟିରେ ଜୀବନ ଯାହାନ ହାବିଃକ ତାନା ମେନ୍ତେ ଠାଉକା କେଆ, ଏନଗାଡା ରେଆଃ ନୁମୁଗେ ଜାହାନ ହାବିଃ ଟି ଜାନ ହାବିଃ ମେନ୍ତେ ନୁମୁ ଅମଲେଜିଅକ । ତୟନମ ଇନାଗେ ଜାହ୍ନବୀ ଆର ଗଙ୍ଗାମେନ୍ତେ ନୁମୁଜାନା ।**



ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିବା ପରେ ଏହି ଜାନହାବିଃ ନାମକୁ ଜାହ୍ନବୀ ବୋଲି ନାମ ଦେଲେ । ଏହି ଜାହ୍ନବୀ ନାମକୁ ମଧ୍ୟ ପରିବର୍ତ୍ତନ କରି "ଗଙ୍ଗାନଦୀ" ନାମରେ ଉକ୍ତ ନଦୀର ନାମ ଦେଲେ । ଏହି ଗଙ୍ଗା ନାମ ଏକ ରାଣୀର ନାମ ଅନୁଯାୟୀ ନାମିତ କଲେ ।

ସେହିଦିନ ଠାରୁ ଜାହ୍ନବୀ ଗଙ୍ଗା ନାମରେ ପରିଚିତ ହେଲେ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର